ଭାଷା ଓ ସାକ୍ଷରତା

# ବହୁଭାଷୀ ଶ୍ରେଣୀ ପରିସ୍ଥିତି

# Multilingualism in the classroom





ଭାରତରେ ବିଦ୍ୟାଳୟ ଭିତ୍ତିକ
ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

http://creativecommons.org/licenses/

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆନ୍ତର୍ଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/)ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

## ଭିଡ଼ିଓ ସମ୍ବଳ ସମୂହ

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି। ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ। ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ ୧.୦ ଭାଷା ଓ ସାକ୍ଷରତା ୧୨ ଓଡ଼ିଆ ଭାଷାନ୍ତର ସହାୟତା : ଭାରତ ଜ୍ଞାନ ବିଜ୍ଞାନ ସମିତି : ଓଡିଶା
Odisha

ଏହି ସଂକରଣଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ଭାଷା ଓ ସାକ୍ଷରତା ସଂକଳନର ଏକ ଭାଗ ଅଟେ। ମୂଳ ଇଂରାଜୀ ଲେଖାକୁ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବ୍ରହ୍ମ ଓଡ଼ିଆ ଭାଷାନ୍ତର କରିଥିବା ବେଳେ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବ୍ରହ୍ମ ଓ ପ୍ରଫେସର ବି.ଏନ୍.ପଣ୍ଡା ସମୀକ୍ଷା କରିଛନ୍ତି। ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ/ଲେଖ http://creativecommons.org/ licenses/by-sa/3.0/ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ।

TESS-India is led by The Open University UK and funded by UK aid from the UK government

## ଏହି ଏକକରେ କ'ଣ ଅଛି

ଯେଉଁଠାରେ ଶିକ୍ଷାର୍ଥୀମାନଙ୍କର ଘର ଭାଷା ବିଦ୍ୟାଳୟର ଭାଷା ଠାରୁ ଭିନ୍ନ ସେହିଭଳି ଶ୍ରେଣୀଗୃହ ଶିକ୍ଷାଦାନ-ଶିକ୍ଷଣର ଏକ ବାସ୍ତବ ଅବସ୍ଥା ବିଷୟରେ ଏହି ଏକକରେ ବର୍ଣ୍ଣନା କରାଯାଇଛି। ଏହିପରି ଶ୍ରେଣୀ ପରିସ୍ଥିତିଗୁଡିକ ଆମ ପାଇଁ ସବୁବେଳେ ଆହ୍ୱାନମୂଳକ। ଶିକ୍ଷଣ ପାଇଁ ବହୁଭାଷୀ ପରିସ୍ଥିତିର ସକାରାତ୍ମକ ଅବଦାନ ସଂପର୍କରେ ସଚେତନତା ଓ ବୋଧଗମ୍ୟତାର ବିକାଶ କରିବା ଓ ଭାଷା ଶ୍ରେଣୀରେ ସବୁ ଶିକ୍ଷାର୍ଥୀଙ୍କୁ ସଂପୃକ୍ତ କରିବା ଏହି ଏକକର ଉଦ୍ଦେଶ୍ୟ ଅଟେ।

## ଏହି ଏକକରୁ କ'ଣ ଶିଖିବେ

- ବହୁଭାଷୀ ପରିସ୍ଥିତି ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ପାଇଁ ଏକ ସମ୍ବଳ।
- ଶ୍ରେଣୀରେ ପ୍ରତ୍ୟେକ ଶିକ୍ଷାର୍ଥୀର ଭାଷା କିପରି ପ୍ରତ୍ୟେକ ଶିକ୍ଷାର୍ଥୀ ଶିଖି ପାରିବେ, ସେଥିପାଇଁ ସୁଯୋଗ ସୃଷ୍ଟି କରିବା।
- ଶ୍ରେଣୀଗୃହରେ ଭାଷାନ୍ତରଣ (Translanguaging) ର ଉପଯୋଗିତାକୁ ବୁଝିବା।

## ଏହି ପନ୍ଥା କାହିଁକି ଗୁରୁତ୍ୱପୂର୍ଣ୍ଣ

ଭାରତ ସହିତ ପୃଥିବୀର ଅଧିକାଂଶ ଦେଶରେ ହେଉ ବା ସମଗ୍ର ପୃଥିବୀରେ ହେଉ ବହୁଭାଷୀ ଶିକ୍ଷାର୍ଥୀମାନେ ହେଉଛନ୍ତି ଏକ ମାନଦର୍ଶ (norm), ସେମାନେ ବ୍ୟତିକ୍ରମ ନୁହଁନ୍ତି। ଅନେକ ଗବେଷଣା କହେ ଏବଂ ପ୍ରମାଣ ଦିଏ ଯେ, ଯେଉଁମାନେ ଏକରୁ ଅଧିକ ଭାଷା ଜାଣିଥା'ନ୍ତି, ସେମାନଙ୍କର ବୌଦ୍ଧିକ ତଥା ବ୍ୟାବହାରିକ ଜ୍ଞାନ ଅଧିକ। ଏହି ବୌଦ୍ଧିକ ଜ୍ଞାନ ଶିକ୍ଷଣ ଓ ଶିକ୍ଷାଦାନ ପାଇଁ ଏକ ଉପଯୋଗୀ ସମ୍ବଳ। ଜଣେ ଶିକ୍ଷକ ଯେଉଁ ବିଷୟ ପଢ଼ାନ୍ତୁ ନା କାହିଁକି, ଶିକ୍ଷାର୍ଥୀମାନଙ୍କର ଭାଷାଗତ ଜ୍ଞାନ ଓ କୌଶଳକୁ ପ୍ରକୃତ କାର୍ଯ୍ୟରେ ଲଗାଇବା ପାଇଁ ଏକ ସୁଯୋଗ ସୃଷ୍ଟି କରିବେ। ଜଣେ ଭାଷା ଶିକ୍ଷକ ହିସାବରେ ଆପଣଙ୍କୁ ଏହା ଦାୟିତ୍ୱର ସହ ତୁଲାଇବାକୁ ପଡ଼ିବ। ଏ ଦିଗରେ ଏହି ଏକକ ଆପଣଙ୍କୁ ସହାୟତା ଦେବ।

## ୧ ବହୁଭାଷୀ ଶ୍ରେଣୀଗୃହ ବିଷୟରେ ପରିଚିତ କରାଇବା

### ଶିକ୍ଷଣକାର୍ଯ୍ୟ ୧ : ମୁଖ୍ୟ ନୀତି ସମୂହ

ଆନ୍ତର୍ଜାତୀୟ ଶୈକ୍ଷିକ ଗବେଷଣା ପ୍ରାପ୍ତ ବହୁଭାଷୀ ଶ୍ରେଣୀ ପରିଚାଳନା ବିଷୟରେ ୩ଟି ଉକ୍ତି :-

- ଶିକ୍ଷାର୍ଥୀମାନେ ଭଲଭାବରେ ଜାଣିଥିବା ଭାଷାରେ ଶିକ୍ଷାଦାନ-ଶିକ୍ଷଣ ହେଲେ ସେମାନେ ଭଲଭାବରେ ଶିଖନ୍ତି।
- ଶିକ୍ଷକମାନେ ଭଲଭାବରେ ଜାଣିଥିବା ଭାଷାରେ ଫଳପ୍ରଦ ଭାବେ ପଢ଼ାଇ ପାରନ୍ତି।
- ନିଜ ମାତୃଭାଷାରେ ଯେତେ ଅଧିକ ସମୟ ଶିକ୍ଷାଦାନ-ଶିକ୍ଷଣ ହେବ, ଶିକ୍ଷାର୍ଥୀର ଶୈକ୍ଷିକ ଉପଲବ୍ଧି ସେତିକି ଉନ୍ନତି ହେବ।

ଉପରୋକ୍ତ ଉକ୍ତିଗୁଡ଼ିକ ଆଧାରରେ ବର୍ତ୍ତମାନ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ। ଆବଶ୍ୟକ ମନେକଲେ ନିଜ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

- ଜଣେ ଶିକ୍ଷକ ହିସାବରେ ଏହିପରି ଶ୍ରେଣୀ ପରିଚାଳନା କଲାବେଳେ କ'ଣ ସବୁ ସମସ୍ୟା ଆସିଥାଏ ?
- ଆପଣଙ୍କ ଶିକ୍ଷାର୍ଥୀ ଓ ଆପଣଙ୍କ ଭିତରେ ବା ଶିକ୍ଷାର୍ଥୀ ଶିକ୍ଷାର୍ଥୀ ଭିତରେ ଥିବା ଭାଷାଗତ ପ୍ରଭେଦ, ଆପଣଙ୍କ ଶ୍ରେଣୀ ପରିଚାଳନାରେ ସହାୟକ ହୁଏ କି ? ଯଦି ହଁ...
  - ଏହା କିପରି ଆପଣଙ୍କ ଶିକ୍ଷାଦାନ ଓ ଶିକ୍ଷାର୍ଥୀଙ୍କ ଶିକ୍ଷଣକୁ ପ୍ରଭାବିତ କରିଥାଏ ?
  - ଏହା ଶ୍ରେଣୀ ଗୃହରେ ମାନବୀୟ ସଂପର୍କକୁ କିପରି ପ୍ରଭାବିତ କରେ ?

- ଆପଣଙ୍କ ଶିକ୍ଷାଦାନରେ ଶିକ୍ଷାର୍ଥୀମାନଙ୍କର ଅନ୍ୟ ଭାଷା ଉପରେ ଥିବା ଜ୍ଞାନକୁ ବ୍ୟବହାର କରିବା ପାଇଁ କିଛି କରନ୍ତି କି? କାହିଁକି / କାହିଁକି ନୁହେଁ?

ଉପରେ ଦିଆଯାଇଥିବା ୩ଟି ଉକ୍ତି ପ୍ରମାଣ ଦିଏ ଯେ, ଶିକ୍ଷାର୍ଥୀର ମାତୃଭାଷାରେ ଶିକ୍ଷାଦାନ-ଶିକ୍ଷଣ ହେଲେ, ଶିକ୍ଷାର୍ଥୀମାନଙ୍କର ଦୈନିକ ଉପସ୍ଥାନ ଓ ଶୈକ୍ଷିକ ହାସଲ ଉପରେ ଏହାର ଯଥେଷ୍ଟ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ଯେତେବେଳେ ସଂପୂର୍ଣ୍ଣଭାବରେ ଶିକ୍ଷାର୍ଥୀମାନଙ୍କ ମାତୃଭାଷାରେ ପଢ଼ାଇବା ସମ୍ଭବ ହୁଏ ନାହିଁ, ଆପଣ ଛୋଟ ଛୋଟ ଉପାୟ ଅବଲମ୍ବନ କରି ଶିକ୍ଷାର୍ଥୀମାନଙ୍କର ଘର ଭାଷାକୁ ଏକ ଉପଯୋଗୀ ସମ୍ବଳ ଭାବରେ ଶିକ୍ଷାଦାନ-ଶିକ୍ଷଣରେ ବ୍ୟବହାର କରିପାରିବେ।

## ପରିସ୍ଥିତି ଅଧ୍ୟୟନ ୧ : ଶିକ୍ଷାର୍ଥୀଙ୍କୁ ପର୍ଯ୍ୟବେକ୍ଷଣ କରିବା

*ଶ୍ରୀଯୁକ୍ତ ଧ୍ରୁବ ଚରଣ, ଚିଲିକାର ଏକ ଗ୍ରାମ୍ୟ ବିଦ୍ୟାଳୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପଢ଼ାନ୍ତି। ଶିକ୍ଷାର୍ଥୀମାନେ ନିଜ ଭାଷାରେ କଥାବାର୍ତ୍ତା ହେବା ସମୟରେ ସେ କ'ଣ ପର୍ଯ୍ୟବେକ୍ଷଣ କରିଥିଲେ, ନିମ୍ନରେ ତା'ର ବର୍ଣ୍ଣନା କରିଛନ୍ତି।*

"ବିଦ୍ୟାଳୟରେ ଯେଉଁ ଶିକ୍ଷାର୍ଥୀମାନେ ସେମାନଙ୍କ ମାତୃଭାଷାରେ କଥାବାର୍ତ୍ତା କରନ୍ତି, ମୋର ସେମାନଙ୍କ ପ୍ରତି ଏକ ନକାରାତ୍ମକ ମନୋଭାବ ଥାଏ। ମୁଁ ଭାବେ ବିଦ୍ୟାଳୟର ଭାଷା ଶିଖିବାକୁ ହେଲେ ଶିକ୍ଷାର୍ଥୀମାନଙ୍କୁ ସବୁବେଳେ ସେହି ଭାଷାରେ କଥାବାର୍ତ୍ତା କରିବାକୁ ପଡ଼ିବ। ମୁଁ ବିଶ୍ୱାସ କରୁଥିଲି ଯେ ମିଶାମିଶି ଭାଷା ବ୍ୟବହାର କଲେ ପାଠ ଠିକ୍ ଭାବରେ ବୁଝି ହୁଏ ନାହିଁ। ଏଥିପାଇଁ ମୁଁ ସେମାନଙ୍କ ଘର ଭାଷା ବ୍ୟବହାର କରୁ ନ ଥିଲି, ଯାହାର ଫଳ ସ୍ୱରୂପ ମୁଁ ସେମାନଙ୍କ ସହିତ ମିଶିବାରେ ଅସୁବିଧା ଅନୁଭବ କରୁଥିଲି।

ମୋର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର କେତେ ଶିକ୍ଷାର୍ଥୀ ମୋ ଶ୍ରେଣୀରେ ଚୁପ୍ ଚାପ୍ ବସୁଥିଲେ। ସେମାନେ କ'ଣ ଶିଖୁଥିଲେ ବା ବୁଝୁଥିଲେ ମୁଁ ଜାଣିପାରୁ ନଥିଲି।

ଦିନେ ସକାଳର ଘଟଣା। ଶ୍ରେଣୀରେ ସବୁବେଳେ ଚୁପ୍ ଚାପ୍ ରହୁଥିବା ଦୁଇଜଣ ଶିକ୍ଷାର୍ଥୀ ଗୋଟିଏ ଓଡିଆ ପାଠକୁ ସେମାନଙ୍କ ମାତୃଭାଷା ସାନ୍ତାଳିରେ ଆଲୋଚନା କରୁଥିଲେ। ମଧ୍ୟାହ୍ନ ଭୋଜନ ବିରତି ସମୟରେ ଦେଖିଲି ଯେ ଶ୍ରେଣୀରେ ସବୁବେଳେ ଚୁପ୍ ହୋଇ ବସୁଥିବା ଶିକ୍ଷାର୍ଥୀଟିଏ ଖେଳ ପଡ଼ିଆରେ ନୂଆ କରି ଦିଆଯାଇଥିବା ବିଜ୍ଞାନର ଏକ ପ୍ରସଙ୍ଗକୁ ରେଖା ଚିତ୍ର ଓ ଚାର୍ଟ ସାହାଯ୍ୟରେ ନିଜ ମାତୃଭାଷାରେ ତା'ର ସାଙ୍ଗମାନଙ୍କୁ ବୁଝାଉଛି। ପୁଣି ଦିନର ଶେଷ ଆଡ଼କୁ ଘରକୁ ଫେରୁଥିବା ସମୟରେ ଦେଖିଲି ଯେ, ଯେଉଁ ଶିକ୍ଷାର୍ଥୀଟି ବିଦ୍ୟାଳୟରେ ଆଦୌ କଥାବାର୍ତ୍ତା କରେ ନାହିଁ, ମୁଁ ଓଡ଼ିଆରେ କହିଥିବା ଗଳ୍ପଟିକୁ ତା'ର ଜେଜେଙ୍କୁ ନିଜ ଘର ଭାଷାରେ କହୁଛି।

ସେହି ଶିକ୍ଷାର୍ଥୀମାନଙ୍କର ନିଜ ଭାଷାରେ କଥା କହିବାର ଦକ୍ଷତା, ଶୈଳୀ ଓ ଆତ୍ମବିଶ୍ୱାସ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ମୁଁ ସେହି ଦିନ ଶପଥ କଲି ଯେ ଏହି ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ନିଜ ଘର ଭାଷାରେ ପ୍ରକାଶ କରିବା ପାଇଁ ମୋର ଶ୍ରେଣୀ ଗୃହରେ ଯଥେଷ୍ଟ ସୁଯୋଗ ସୃଷ୍ଟି କରିବି।

### ଟିକିଏ ଚିନ୍ତା କରନ୍ତୁ

ଯେଉଁମାନେ ଶ୍ରେଣୀରେ ସାଧାରଣତଃ ଚୁପ୍ ରୁହନ୍ତି, ପ୍ରତ୍ୟେକ ଦିନ କିଛି ସମୟ ସେହି ଶିକ୍ଷାର୍ଥୀମାନଙ୍କୁ ନିଜ ଘର ଭାଷାରେ ଅନ୍ୟମାନଙ୍କ ସହିତ କଥା ହେଉଥିବାର ଶୁଣନ୍ତୁ ଓ ପର୍ଯ୍ୟବେକ୍ଷଣ କରନ୍ତୁ। ଦେଖନ୍ତୁ, ସେମାନେ କେଉଁ ଭାଷାରେ ଓ କିଭଳି କଥାବାର୍ତ୍ତା କରୁଛନ୍ତି। ଯାହା ଆପଣ ପୂର୍ବରୁ ତା' ବିଷୟରେ ଜାଣି ନ ଥିଲେ।

ବର୍ତ୍ତମାନ ସମ୍ବଳ ୧ରେ ଥିବା "ସଭିଙ୍କ ସମ୍ପୃକ୍ତି" ବିଷୟରେ ଲେଖାଟିକୁ ପଢ଼ନ୍ତୁ।



ଭିଡ଼ିଓ : "ସଭିଙ୍କ ସମ୍ପୃକ୍ତି"

## ୨ ଶ୍ରେଣୀରେ ଥିବା ବହୁଭାଷୀ ପରିବେଶକୁ ସମ୍ମାନ ଦେବା

### ଶିକ୍ଷଣକାର୍ଯ୍ୟ ୨ : ଏକ ଶ୍ରେଣୀର ଭାଷା ଭିତ୍ତିକ ସର୍ବେକ୍ଷଣ

ଆପଣଙ୍କ ଶ୍ରେଣୀରେ କେତେ ଭାଷାର ଶିକ୍ଷାର୍ଥୀ ରହିଛନ୍ତି ତା'ର ଏକ ସର୍ବେକ୍ଷଣ କରନ୍ତୁ। ପ୍ରଥମେ ଆପଣ କେଉଁ ସବୁ ଭାଷା ଟିକିଏ ଜାଣିଛନ୍ତି, କେଉଁ ସବୁ ଭାଷା କହି ପାରନ୍ତି ଓ ଲେଖି ପାରନ୍ତି, ଶିକ୍ଷାର୍ଥୀମାନଙ୍କୁ ଜଣାନ୍ତୁ। ଏହା କେତେବେଳେ, କାହା ପାଖରୁ ଓ କିପରି ଶିଖିଲେ, ଶିକ୍ଷାର୍ଥୀମାନଙ୍କୁ ଉଦାହରଣ ଦେଇ ବୁଝାଇ ଦିଅନ୍ତୁ। ଉଦାହରଣ ସ୍ୱରୂପ....

ଗୋଟିଏ ଡ୍ରଇଂ ସିଟ୍ ନିଅନ୍ତୁ। ସେଥିରେ ଏକ ବଡ଼ ସାରଣୀ ପ୍ରସ୍ତୁତ କରନ୍ତୁ। କାଗଜର ବାମ ପଟରେ ପ୍ରଥମେ ଆପଣଙ୍କ ନାମ ଲେଖନ୍ତୁ ଓ ତଳକୁ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ନାମ ଲେଖନ୍ତୁ। କାଗଜର ଉପର ଭାଗରେ ବିଭିନ୍ନ ଭାଷାର ନାମ ଲେଖନ୍ତୁ। ଯେଉଁ ସବୁ ଭାଷା ଆପଣଙ୍କ ଶିକ୍ଷାର୍ଥୀମାନେ ଜାଣିଛନ୍ତି, ସେହି ଭାଷା ତଳେ ଟିକ୍ ଦେବାକୁ କହନ୍ତୁ। ଏହି ସାରଣୀଟିକୁ କାନ୍ଥରେ ଟାଙ୍ଗନ୍ତୁ।

ଯଦି ସେଦିନ କୌଣସି ଶିକ୍ଷାର୍ଥୀ ଆସି ନ ଥା'ନ୍ତି, ପରେ ସେମାନଙ୍କର ମତ ନେଇ ସାରଣୀ ପୂରଣ କରନ୍ତୁ ଏବଂ ଯଦି ଆପଣଙ୍କ ସାଥି ଶିକ୍ଷକ ବା ପ୍ରଧାନଶିକ୍ଷକର ତଥ୍ୟ ଦେବାକୁ ଋହୁଁଥା'ନ୍ତି, ତାହା ହେଲେ ସେମାନଙ୍କର ତଥ୍ୟ ମଧ୍ୟ ଦିଅନ୍ତୁ।

ଶିକ୍ଷାର୍ଥୀମାନଙ୍କର ବୟସ ଓ ସ୍ତର ଅନୁସାରେ ଏବଂ ସେମାନେ ବୁଝିପାରିବା ଭଳି ଏହି କାର୍ଯ୍ୟଟିକୁ ଅଧିକ ବିଷଦଭାବରେ କରି ପାରିବେ।



ଟିକିଏ ଚିନ୍ତା କରନ୍ତୁ

- ଆପଣଙ୍କ ଶିକ୍ଷାର୍ଥୀମାନେ ସେମାନେ ଜାଣିଥିବା ଭାଷା ସବୁ ଆପଣଙ୍କୁ ଜଣାଇଲେ କି ?
- ଆପଣଙ୍କ ଶିକ୍ଷାର୍ଥୀମାନେ ଜାଣିଥିବା ଭାଷାକୁ ଚିହ୍ନଟ କରିବା ପାଇଁ ଆପଣଙ୍କୁ ଅସୁବିଧା ହେଲା କି ? ସେ ଅସୁବିଧାଗୁଡ଼ିକ କ'ଣ ?
- ଏଥିପାଇଁ ପରବର୍ତ୍ତୀ କାର୍ଯ୍ୟ କ'ଣ କରି ପାରିବେ ?

ଏହା ସତ ଯେ ନିଜକୁ ନ୍ୟୂନ ମନେ କରୁଥିବା ଅନ୍ୟ ଜନଜାତିର କିଛି ଶିକ୍ଷାର୍ଥୀ ନିଜର ଭାଷା ବିଷୟରେ ପ୍ରକାଶ କରିବାକୁ କୁଣ୍ଠାବୋଧ ପ୍ରକାଶ କରୁଥିଲେ। ତେଣୁ ଏହି କାର୍ଯ୍ୟଟିକୁ ଏପରି କରିବେ ଯେପରି ସେମାନେ ଅନୁଭବ କରିବେ ଯେ, ଆମମାନଙ୍କର ସାଂସ୍କୃତିକ ଓ ସାଧାରଣ ଜୀବନଯାପନରେ ବିଶେଷକରି ଶ୍ରେଣୀ ଗୃହରେ ପ୍ରତ୍ୟେକ ଭାଷାର ଗୁରୁତ୍ୱ ରହିଛି। ଏହି କ୍ଷେତ୍ରରେ କୌଣସି ସଂଖ୍ୟାଲଘୁ ଭାଷାରେ ଆପଣଙ୍କର ଜ୍ଞାନ କଥା ଭାବନ୍ତୁ ଏବଂ ସେହି ଭାଷା ଶିଖିବା ପାଇଁ ଆପଣଙ୍କ ମନୋବୃତ୍ତି ବିଷୟରେ ଚିନ୍ତା କରନ୍ତୁ।

ଏହା ଏକ ସତ ଘଟଣା ଯେ, ଭାଷା ଓ ଉପଭାଷାଗୁଡ଼ିକ ମଧ୍ୟରେ ଏତେ ପ୍ରଭେଦ ନ ଥାଏ। ବେଳେବେଳେ ପିଲାମାନେ କହୁଥିବା ଭାଷାର ନାମ ମଧ୍ୟ ଜାଣି ନ ଥାନ୍ତି। ତେଣୁ ସେମାନେ ନିଜ ଭାଷା ବିଷୟରେ କହିବାକୁ କୁଣ୍ଠାବୋଧ ପ୍ରକାଶ କରନ୍ତି। ଏ କ୍ଷେତ୍ରରେ ଆପଣଙ୍କ ସାରଣୀ ହେଉଛି ଏକ ପ୍ରାଥମିକ ଚେଷ୍ଟା। ସମୟ ଅନୁସାରେ ଶିକ୍ଷାର୍ଥୀମାନଙ୍କର ଭାଷାଗତ ଜ୍ଞାନକୁ ଆଦାୟ କରିବା ପାଇଁ ଏଥିରେ ପରିବର୍ତ୍ତନ ଆଣି ପାରିବେ।

## ପରିସ୍ଥିତି ଅଧ୍ୟୟନ ୨ : ଆଞ୍ଚଳିକ ଭାଷାର ବ୍ୟବହାର କରିବା

ନିମ୍ନ ପରିସ୍ଥିତି ଅଧ୍ୟୟନଟି କପ୍ତିପଦା ଅଞ୍ଚଳର ଜଣେ ଶିକ୍ଷକଙ୍କର। ସେ କାନ୍ଥରେ ଥିବା ବର୍ଣ୍ଣମାଳା ଚାର୍ଟଟିକୁ ବୁଝାଇବାବେଳେ ତାଙ୍କର ଶିକ୍ଷାର୍ଥୀମାନେ କିପରି ଦ୍ୱନ୍ଦରେ ପଡ଼ିଥିଲେ, ସେ ବିଷୟରେ ବର୍ଣ୍ଣନା କରିଛନ୍ତି।

"ମୋ ବିଦ୍ୟାଳୟର ବହୁତ ପିଲା 'ହୋ' ଭାଷାଭାଷୀ ଅଟନ୍ତି। ଯେତେବେଳେ ସେମାନେ ବିଦ୍ୟାଳୟକୁ ପ୍ରଥମେ ଆସନ୍ତି, ପ୍ରାୟ ଓଡ଼ିଆ ବୁଝି ପାରନ୍ତି ନାହିଁ। ଦେଖିଲି, କିଛି ପିଲା କାନ୍ଥରେ ଟଙ୍ଗା ଯାଇଥିବା ବର୍ଣ୍ଣମାଳା ଚାର୍ଟରେ ଥିବା ଓଡ଼ିଆ ଶବ୍ଦଗୁଡ଼ିକୁ ଭୁଲ୍ ଉଚ୍ଚାରଣ କରି ପଢୁଛନ୍ତି। ସେମାନେ ଭଲ ଓଡ଼ିଆ ପରିବର୍ତ୍ତେ 'ହୋ' ଭାଷାରେ ପଢୁଛନ୍ତି। ମୁଁ ଯେତେବେଳେ ଶବ୍ଦର ପ୍ରଥମ ଅକ୍ଷରଟି କ'ଣ ବୋଲି ପଚାରିଲି ସେମାନେ 'ଘ' ପରିବର୍ତ୍ତେ 'ଅ' କହିଲେ। ଅର୍ଥାତ୍ ଯଦିଓ ବର୍ଣ୍ଣମାଳା ଚାର୍ଟଟି ଓଡ଼ିଆରେ ଲେଖାଯାଇଛି, କିନ୍ତୁ ଚିତ୍ରଟି ଦେଖି ଶିକ୍ଷାର୍ଥୀମାନେ ସେମାନଙ୍କ ମାତୃଭାଷାରେ ପଢୁଛନ୍ତି।



**ଘର ଅଲାଃ**

ମୁଁ ଅସୁବିଧା ଅନୁଭବ କଲି। ତେଣୁ ଓଡ଼ିଆ ଅକ୍ଷରର ନାମ ଓ ଉଚ୍ଚାରଣକୁ ନେଇ 'ହୋ' ଭାଷାରେ ବର୍ଣ୍ଣମାଳା ଚାର୍ଟ ପ୍ରସ୍ତୁତ କଲି। ଦେଖିଲି ସେମାନେ ସହଜରେ ଓଡ଼ିଆ ଅକ୍ଷରଗୁଡ଼ିକ ଚିହ୍ନି ପାରିଲେ। ତା' ସହିତ ଓଡ଼ିଆ ଶବ୍ଦଟିର ଅର୍ଥ ବୁଝାଇଲି। ଏହା ଦ୍ୱାରା ସେମାନେ ଓଡ଼ିଆ ମଧ୍ୟ ଶିଖିପାରିଲେ।

ଆପଣ ପରିସ୍ଥିତି ଅଧ୍ୟୟନ ୨ ପଢ଼ିଲେ। ବର୍ତ୍ତମାନ ଯଦି ଆପଣଙ୍କର ଏହିଭଳି ବହୁଭାଷୀ ପରିସ୍ଥିତି ଥାଏ, ନିମ୍ନରେ ଦିଆଯାଇଥିବା ଶିକ୍ଷଣ କାର୍ଯ୍ୟ ଦୁଇଟିକୁ ପ୍ରୟୋଗ କରନ୍ତୁ।

## ଶିକ୍ଷଣକାର୍ଯ୍ୟ ୩ : ବର୍ଣ୍ଣମାଳା ଚାର୍ଟ ପ୍ରସ୍ତୁତି କରିବା

ଓଡ଼ିଆ ବର୍ଣ୍ଣମାଳା ଚାର୍ଟରେ ଥିବା ଚିତ୍ର ସହ ଶବ୍ଦଗୁଡ଼ିକୁ ଆପଣଙ୍କ ଶିକ୍ଷାର୍ଥୀ ପଢ଼ିଲାବେଳେ ଦ୍ୱନ୍ଦରେ ପଡୁଛନ୍ତି କି? ତେଣୁ ଶିକ୍ଷାର୍ଥୀମାନଙ୍କ ଘର ଭାଷା ଆଧାରରେ ଓଡ଼ିଆ ଅକ୍ଷରକୁ ନେଇ ବର୍ଣ୍ଣମାଳା ଚାର୍ଟ ପ୍ରସ୍ତୁତ କରନ୍ତୁ। ଯଦି ଆପଣ ସେମାନଙ୍କ ଘର ଭାଷା ସହିତ ଏତେ ପରିଚିତ ନୁହନ୍ତି, ତେବେ ଅନ୍ୟ ସାଥି ଶିକ୍ଷକ ବା ଗୋଷ୍ଠୀର ସଦସ୍ୟଙ୍କ ସହାୟତାରେ ଉପଯୁକ୍ତ ଶବ୍ଦ ବାଛନ୍ତୁ। ଶିକ୍ଷାର୍ଥୀମାନଙ୍କୁ ମଧ୍ୟ ଏହି ଚାର୍ଟ ପ୍ରସ୍ତୁତିରେ ନିଯୁକ୍ତ କରନ୍ତୁ।

## ଶିକ୍ଷଣକାର୍ଯ୍ୟ ୪ : ଶ୍ରେଣୀରେ ବହୁଭାଷୀ କୌଶଳଗୁଡ଼ିକୁ ସନ୍ନିବେଶିତ କରିବା

ଶିକ୍ଷାର୍ଥୀମାନେ ଜାଣିଥିବା ବିଭିନ୍ନ ଭାଷାକୁ ଆପଣ କିପରି ସମ୍ମାନ ଦେବେ ଓ ଶ୍ରେଣୀରେ ଉପଯୁକ୍ତ ଭାବରେ ବ୍ୟବହାର କରିପାରିବେ ?

ପ୍ରଥମେ ଆପଣ ଏହି ବିଷୟରେ ନିଜର ଧାରଣା ଓ କୌଶଳଗୁଡ଼ିକୁ ତାଲିକା କରନ୍ତୁ। ଅନ୍ୟ ସାଥି ଶିକ୍ଷକମାନଙ୍କର ଶ୍ରେଣୀ ପର୍ଯ୍ୟବେକ୍ଷଣ କରନ୍ତୁ ଓ ସେମାନଙ୍କ ସହ ଆଲୋଚନା କରନ୍ତୁ। ପରବର୍ତ୍ତୀ ମାସରେ ଗୋଟିଏ କୌଶଳ ଆପଣଙ୍କ ଶ୍ରେଣୀରେ ପ୍ରୟୋଗ କରନ୍ତୁ। ନିମ୍ନରେ କେତୋଟି କୌଶଳ ଦିଆଯାଇଛି...

**ଗ୍ରୀଟିଙ୍ଗ୍ସ କାର୍ଡ ପ୍ରସ୍ତୁତି**

ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଘର ଭାଷାରେ ଗ୍ରୀଟିଙ୍ଗ୍ସ ପ୍ରସ୍ତୁତ କରିବାକୁ କୁହନ୍ତୁ। ଏଥିପାଇଁ ଏକ ଯୋଜନା ପ୍ରସ୍ତୁତ କରନ୍ତୁ। ଦିବସ ଆରମ୍ଭରେ ପ୍ରଥମେ ଶିକ୍ଷାର୍ଥୀମାନଙ୍କର ଦ୍ୱିତୀୟ ଭାଷାରେ ଶୁଭ କାମନା ଜଣାନ୍ତୁ। ତା'ପରେ ଶିକ୍ଷାର୍ଥୀମାନଙ୍କର ଘର ଭାଷାରେ ସେହିଟିକୁ କୁହନ୍ତୁ। ଏବେ ବ୍ୟକ୍ତିଗତ ଭାବରେ ସେମାନଙ୍କୁ ଗ୍ରୀଟିଙ୍ଗ୍ସ ପ୍ରସ୍ତୁତ କରିବାକୁ କୁହନ୍ତୁ। ଠିକ୍ ସେହିଭଳି ଦିବସ ଶେଷରେ 'ଧନ୍ୟବାଦ' ଶବ୍ଦକୁ ନେଇ ଘର ଭାଷାରେ ଗ୍ରୀଟିଙ୍ଗ୍ସ ପ୍ରସ୍ତୁତ କରିପାରିବେ।

**ବହୁଭାଷୀ ଶବ୍ଦ ଚକ୍ର**

ଶ୍ରେଣୀ ଗୃହରେ ଥିବା ଜିନିଷର ନାମ ଲେଖନ୍ତୁ। ତା'ର ଅର୍ଥ ହିନ୍ଦୀରେ ତଥା ଶିକ୍ଷାର୍ଥୀମାନଙ୍କର ଘର ଭାଷାରେ ଚକ୍ରକାରରେ ଲେଖନ୍ତୁ। ଅଲଗା ଅଲଗା ଘର ଭାଷାକୁ ଅଲଗା ରଙ୍ଗରେ ଲେଖନ୍ତୁ।

ଅଳାଃ (ହୋ) – ଘର (ଓଡ଼ିଆ)

ଯେଉଁ ଶିକ୍ଷାର୍ଥୀମାନେ ଘର ଭାଷା ଭଲଭାବରେ ଜାଣିଥିବେ, ସେମାନଙ୍କ ସାହାଯ୍ୟରେ ଏହା କରାଯାଇ ପାରିବ।

***ବହୁଭାଷୀ ଶବ୍ଦ କାନ୍ଥ***

ଶ୍ରେଣୀଗୃହ କାନ୍ଥରେ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ମାତୃଭାଷାରେ ବିଭିନ୍ନ ଶବ୍ଦ ଓ ଅଭିବ୍ୟକ୍ତି ଲେଖିବାକୁ କୁହନ୍ତୁ, ଯେପରି - ଏଠାକୁ ଆସନ୍ତୁ, ଛିଡ଼ା ହୁଅନ୍ତୁ, ମୋ ନାମ ମେଲି, ଧନ୍ୟବାଦ... ଇତ୍ୟାଦି। ଭିନ୍ନ ଭିନ୍ନ ମାତୃଭାଷା ପାଇଁ ଭିନ୍ନ ଭିନ୍ନ ରଙ୍ଗ ବ୍ୟବହାର କରନ୍ତୁ। ପ୍ରତିଦିନ ଶିକ୍ଷାର୍ଥୀମାନଙ୍କୁ ନୂଆ ଶବ୍ଦ ଯୋଡ଼ିବା ପାଇଁ ଉତ୍ସାହିତ କରନ୍ତୁ।

**ବହୁଭାଷୀ ପଠନ ସାମଗ୍ରୀ**

ଶିକ୍ଷାର୍ଥୀମାନେ କହୁଥିବା ବିଭିନ୍ନ ଭାଷାରେ ଛୋଟ ଛୋଟ ବହି, ମାଗାଜିନ୍, ପୋଷ୍ଟର ଓ ଅନ୍ୟାନ୍ୟ ଗପ ବହି ସଂଗ୍ରହ କରି ବିଦ୍ୟାଳୟର ଶିକ୍ଷଣ କୋଣରେ ରଖନ୍ତୁ।




(ଚିତ୍ର ୨) : ଓଡ଼ିଆ ଲେଖା ଗପ ମ୍ୟାଗାଜିନ୍... ଥାଇ ଫଟୋ)

**ବହୁଭାଷୀ ଅଭିଧାନ**

ଶିକ୍ଷାର୍ଥୀମାନଙ୍କ ସହାୟତାରେ ଦ୍ୱି-ଭାଷୀ ଓ ବହୁଭାଷୀ ଅଭିଧାନ ପ୍ରସ୍ତୁତ କରନ୍ତୁ। ଶିକ୍ଷାର୍ଥୀମାନଙ୍କ ଆବଶ୍ୟକତା ଅନୁସାରେ ନିତିଦିନିଆ ବ୍ୟବହୃତ ଶବ୍ଦ ଯଥା ବିଦ୍ୟାଳୟ, ଘର, ପାର୍କ, ଶରୀରର ଅଙ୍ଗପ୍ରତ୍ୟଙ୍ଗ, ପଶୁପକ୍ଷୀ ସମ୍ପର୍କିତ ଶବ୍ଦକୁ ଚିତ୍ର ସହିତ ଉପସ୍ଥାପନ କରନ୍ତୁ। ବିଭିନ୍ନ ବିଷୟ ଯଥା ଭାଷା, ଗଣିତ, ବିଜ୍ଞାନ ସମ୍ପର୍କିତ ଶବ୍ଦ ମଧ୍ୟ ଏଥିରେ ରଖିବେ।

ଯଦି ଆପଣଙ୍କ ଶିକ୍ଷାର୍ଥୀମାନେ ଇଂରାଜୀ ପଢ଼ନ୍ତି, ତେବେ ଇଂରାଜୀ, ଓଡ଼ିଆ ଓ ଶିକ୍ଷାର୍ଥୀମାନଙ୍କର ଘର ଭାଷାକୁ ନେଇ ଏକ ବହୁଭାଷୀ ଅଭିଧାନ ପ୍ରସ୍ତୁତ କରନ୍ତୁ। ଏହି ବହୁଭାଷୀ ଅଭିଧାନଟିକୁ ଶିକ୍ଷାର୍ଥୀମାନେ ଦେଖିପାରିଲା ଭଳି ଜାଗାରେ ରଖନ୍ତୁ। ମଝିରେ ମଝିରେ କିଛି ନୂଆ ଶବ୍ଦ ଯୋଡ଼ିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରନ୍ତୁ।

## ୩ ଶ୍ରେଣୀଗୃହରେ ଭାଷା ଭାଷା ଭିତରେ ଅନୁବାଦୀକରଣ / ଭାଷାନ୍ତରଣ (Translanguaging)

ଶ୍ରେଣୀ ଗୃହରେ ଭାଷା ମଧ୍ୟରେ ଅନୁବାଦୀକରଣ ବହୁ ଦିନରୁ ଚାଲିଆସୁଛି। ବିଭିନ୍ନ ଭାଷାଭାଷୀ ଲୋକଙ୍କ ମଧ୍ୟରେ ଏକ ସୁନ୍ଦର ଭାବ ବିନିମୟ ପାଇଁ ଏହାର ଯଥେଷ୍ଟ ଆବଶ୍ୟକତା ରହିଛି। ଭାଷା ଭାଷା ଭିତରେ ଅନୁବାଦୀକରଣ ଉପାୟ ହେଉଛି ଏକ ପ୍ରକାର ନମନୀୟ ବହୁଭାଷୀ ବ୍ୟବସ୍ଥା। ବିଭିନ୍ନ ଭାଷାରେ ଥିବା ସମାନ ଉଚ୍ଚାରଣ ଶବ୍ଦ ହେଉ ବା ଭାଷା ଭାଷା ମଧ୍ୟରେ ଥିବା ବିଭିନ୍ନତା ହେଉ, ପ୍ରତ୍ୟେକଙ୍କ ପାଖରେ ଏହାକୁ ବ୍ୟବହାର କରିବାର କ୍ଷମତା ରହିଛି। ସାଧାରଣ ଭାବରେ ଆମେ ସାଙ୍ଗସାଥୀ, ଘର ଲୋକ ଏବଂ ଗୋଷ୍ଠୀର ଲୋକମାନଙ୍କ ସହ କଥାବାର୍ତ୍ତା କଲାବେଳେ ଏପରି ବିଭିନ୍ନ ଭାଷାର ବ୍ୟବହାର କରିଥାଉ। ଏହା ଏତେ ଅନୌପଚାରିକ ଭାବରେ ହୋଇଥାଏ ଯେ ଆମେ ଜାଣିପାରୁ ନାହିଁ।

ଶ୍ରେଣୀଗୃହରେ ଭାଷା ଭାଷା ଭିତରେ ଅନୁବାଦୀକରଣ ନିମ୍ନପ୍ରକାରେ ହୋଇଥାଏ...

- ଭାଷା ଭାଷା ଭିତରେ ଅନୁବାଦ
- ବିଭିନ୍ନ ଭାଷା ଭିତରେ ତୁଳନାତ୍ମକ ଆଲୋଚନା
- କଥା କହିଲାବେଳେ ବା ଲେଖିଲାବେଳେ ବିଭିନ୍ନ ଭାଷାର ମିଶାମିଶି ବ୍ୟବହାର

- ଗୋଟିଏ କାର୍ଯ୍ୟରେ ଉଭୟ ଘର ଭାଷା ଓ ସ୍କୁଲ ଭାଷାର ବ୍ୟବହାର।

ତେଣୁ ଶିକ୍ଷାର୍ଥୀମାନେ ଗୋଟିଏ ଭାଷାରେ ଶୁଣି ଅନ୍ୟ ଭାଷାରେ ତା'ର ବର୍ଣ୍ଣନା କରିପାରନ୍ତି ବା ଲେଖି ପାରନ୍ତି। ସେହିଭଳି ଗୋଟିଏ ଭାଷାରେ ପଢ଼ି ଅନ୍ୟ ଭାଷାରେ ଆଲୋଚନା କରିପାରନ୍ତି ବା ଏହାର ଅର୍ଥକୁ ଲେଖି ପାରନ୍ତି। ଶ୍ରେଣୀଗୃହରେ ଭାଷା ଭାଷା ଭିତରେ ଅନୁବାଦୀକରଣ ଉଭୟ ଶିକ୍ଷାର୍ଥୀ ଓ ଶିକ୍ଷକମାନଙ୍କ ପାଇଁ ଏକ ସମ୍ବଳ ଭାବରେ କାମ କରିଥାଏ, ଏହାର ବହୁତ ଶୈକ୍ଷିକ ସୁବିଧା ରହିଛି, କାରଣ...

- ଏହା ବହୁଭାଷୀ ଶ୍ରେଣୀ ପରିଚାଳନା ପାଇଁ ଏକ ଅସ୍ତ୍ରଭାବରେ କାମ କରେ ଏବଂ ପ୍ରାରମ୍ଭିକ ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କ ଭାଷା ଶିକ୍ଷଣକୁ ତ୍ୱରାନ୍ୱିତ କରିଥାଏ।
- ଶିକ୍ଷାଦାନ-ଶିକ୍ଷଣ କ୍ଷେତ୍ରରେ ଏକ-ଭାଷୀ ଶ୍ରେଣୀ ପରିସ୍ଥିତି ଅପେକ୍ଷା ଏହା ଅଧିକ ଉପଯୋଗୀ ଓ ପ୍ରଭାବଶାଳୀ ହୋଇଥାଏ।
- ଏହା ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଶୈଳୀରେ କଥାବାର୍ତ୍ତା କରିବା ପାଇଁ ଏକ ଉଚ୍ଚକୋଟୀର ସୁଯୋଗ ସୃଷ୍ଟି କରିଥାଏ।

## ପରିସ୍ଥିତି ଅଧ୍ୟୟନ ୩: ଶ୍ରେଣୀଗୃହରେ ଭାଷା ଭାଷା ଭିତରେ ଅନୁବାଦୀକରଣ/ଭାଷାନ୍ତରଣ

*ଶ୍ରୀମତୀ ଇନ୍ଦୁମତୀ, କୋରାପୁଟର ଏକ ପ୍ରାଥମିକ ସ୍କୁଲରେ ୫ମ ଶ୍ରେଣୀରେ ପଢ଼ାଉଥିବା ଶିକ୍ଷୟିତ୍ରୀ। ସେ ଭାଷା ପଢ଼ାଉଥିବା ବେଳେ, ଭାଷା ଭାଷା ଭିତରେ ଅନୁବାଦୀକରଣ ଉପାୟଟିକୁ କିପରି ବ୍ୟବହାର କରିଥିଲେ, ସେ ବିଷୟରେ ଏକ ଅନୁଭୂତି ପ୍ରଦାନ କରିଛନ୍ତି।*

ମୋର ବହୁତ ଶିକ୍ଷାର୍ଥୀ ଓଡ଼ିଆ ଭାଷାଭାଷୀ ନୁହଁନ୍ତି। ୩ ମାସ ପୂର୍ବରୁ ମୁଁ ଭାଷା ଭାଷା ଭିତରେ ଅନୁବାଦୀକରଣ ଉପାୟଟିକୁ ଉପଯୋଗ କଲି ଏବଂ ଦେଖିଲି ଶିକ୍ଷାର୍ଥୀମାନେ ପୂର୍ବ ଅପେକ୍ଷା ଅଧିକ କଥାବାର୍ତ୍ତା କରୁଛନ୍ତି ଏବଂ ଶ୍ରେଣୀରେ ଶିକ୍ଷାଦାନ-ଶିକ୍ଷଣରେ ଭଲ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଆରେ ମଧ୍ୟ ସେମାନଙ୍କର ଦକ୍ଷତା ବଢ଼ିଲାଣି। ଆହୁରି ମଧ୍ୟ ଦେଖିଲି କେବଳ ଓଡ଼ିଆ ଶିକ୍ଷାର୍ଥୀମାନେ ଧୀରେ ଧୀରେ ସେମାନଙ୍କର ସାଙ୍ଗମାନଙ୍କ ଭାଷା ମଧ୍ୟ ଶିଖୁଥିଲେ।

ମୁଁ ଯେତେବେଳେ ନୂଆ ଅନୁଚ୍ଛେଦଟିଏ ପଢ଼ାଏ, ଶିକ୍ଷାର୍ଥୀମାନଙ୍କୁ ସେ ବିଷୟରେ କେତେ ଜାଣିଛନ୍ତି କହିବା ପାଇଁ କହେ। ମୁଖ୍ୟ ଓଡ଼ିଆ ଶବ୍ଦଗୁଡ଼ିକର ଅର୍ଥ ସେମାନଙ୍କ ଭାଷାରେ ମୋତେ ବୁଝାଇ ଦେବାକୁ କହେ। ଯେତେବେଳେ ସେମାନଙ୍କ ଭାଷା ବୁଝି ନ ପାରେ, ମୋତେ ବୁଝାଇ ଦେବାକୁ କହେ।

ତା'ପରେ ମୁଁ ଶିକ୍ଷାର୍ଥୀମାନଙ୍କୁ ଅନୁଚ୍ଛେଦଟିକୁ ବ୍ୟକ୍ତିଗତ, ଯୋଡିରେ ବା ଦଳରେ ଉଚ୍ଚ ପଠନ କରିବାକୁ କହେ ଏବଂ ନୀରବରେ ପଢ଼ିବାକୁ କହେ। ଅନୁଚ୍ଛେଦଟି ପଢ଼ି ସାରିବା ପରେ ସେମାନଙ୍କ ଭିତରେ ଆଲୋଚନା କରି ଅର୍ଥ ବାହାର କରିବାକୁ କହେ। ଯଦି କିଛି ଅପରିଚିତ କ୍ଲିଷ୍ଟ ଶବ୍ଦ ଆସେ, ତାହାହେଲେ ତା'ର ଅର୍ଥ ନିଜ ମାତୃଭାଷାରେ ବ୍ୟବହାର କରିବାକୁ ଉତ୍ସାହିତ କରେ।

ଯେତେବେଳେ ମୁଁ ସେମାନଙ୍କୁ କିଛି ଉପସ୍ଥାପନା କରିବାକୁ କହେ, ସେମାନଙ୍କ ମାତୃଭାଷାରେ କହିବାକୁ ଉତ୍ସାହିତ କରେ। ମୋର ମଧ୍ୟ ସ୍କୁଲ ଭାଷାରେ କିଛି ଉପସ୍ଥାପନା କରିବାକୁ ଥିଲେ, ମୁଁ ମଧ୍ୟ ସେହିପରି କରେ। ଶିକ୍ଷାର୍ଥୀମାନଙ୍କର ଆଗ୍ରହକୁ ବଳବତ୍ତର ରଖିବା ପାଇଁ ବେଳେବେଳେ ଗୋଟିଏ ଦଳରେ ୨/୩ ଜଣ ସମାନ ମାତୃଭାଷାର ଶିକ୍ଷାର୍ଥୀ ରଖିଥାଏ, ଯେଉଁମାନଙ୍କର ସ୍କୁଲ ଭାଷାରେ ମଧ୍ୟ ଟିକିଏ ଭଲ ଦକ୍ଷତା ଥାଏ। ବହୁତ ସମୟରେ ଦଳରେ ବିଭିନ୍ନ ଦକ୍ଷତା ସମ୍ପନ୍ନ ଓ ଆତ୍ମବିଶ୍ୱାସୀ ଶିକ୍ଷାର୍ଥୀ ରଖିଥାଏ, କାରଣ ଜାଣିଥିବା ଶିକ୍ଷାର୍ଥୀଟି ଜାଣି ନ ଥିବା ଶିକ୍ଷାର୍ଥୀଟିକୁ ସାହାଯ୍ୟ କରିପାରିବ।

ଅଳ୍ପଦିନ ପୂର୍ବରୁ ମୁଁ ଗୋଟିଏ ଗପ ପାଇଲି ଯାହା ଓଡ଼ିଆରେ ତଥା ଶିକ୍ଷାର୍ଥୀମାନଙ୍କ ଘର ଭାଷାରେ ଲେଖା ଯାଇଥିଲା। ମୁଁ ପ୍ରତ୍ୟେକ ଭାଷାରେ ଲେଖାଯାଇଥିବା ସେହି ଗପଟିକୁ ଜେରକ୍ସ କଲି ଏବଂ ଷଷ୍ଠ ଶ୍ରେଣୀରେ ପଢ଼ାଇଲି। ଛୋଟ ଛୋଟ ଦଳ କରି ତାଙ୍କୁ ଗପଟିକୁ ପଢ଼ିବାକୁ ଦେଲି ଏବଂ ବିଭିନ୍ନ ଭାଷାରେ ଲେଖା ହୋଇଥିବା ସମାନ ଗପଟିରେ କ'ଣ ସାମଞ୍ଜସ୍ୟ ଓ ପ୍ରଭେଦ ଅଛି ବାହାର କରିବାକୁ କହିଲି।



**ଚିତ୍ର ୩** ଶିକ୍ଷାର୍ଥୀମାନେ ଯୋଡ଼ିରେ ସେମାନଙ୍କ ଘର ଭାଷା ବ୍ୟବହାର କରି ଗୋଟିଏ ପ୍ରସଙ୍ଗ ଆଲୋଚନା କରନ୍ତି।

### ଟିକିଏ ଚିନ୍ତା କରନ୍ତୁ

- ଦେଖନ୍ତୁ, ଶିକ୍ଷୟିତ୍ରୀ ଇନ୍ଦୁମତୀ ତାଙ୍କ ପାଠର କେଉଁ ଅଂଶଟିକୁ ଶିକ୍ଷାର୍ଥୀଙ୍କ ମାତୃଭାଷାରେ ପଢ଼ିବା ପାଇଁ ଉତ୍ସାହିତ କଲେ ଓ କେଉଁ ଅଂଶଟିକୁ ସ୍କୁଲ ଭାଷାରେ ପଢ଼ିବାକୁ କହିଲେ। ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ଧାରା ରହିଛି କି ?
- ଏହି ବ୍ୟକ୍ତିଗତ ପରିସ୍ଥିତି ଅଧ୍ୟୟନରେ ଭାଷା ଭାଷା ଭିତରେ ଅନୁବାଦୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷୟିତ୍ରୀ ଇନ୍ଦୁମତୀ କ'ଣ ସବୁ ସୂଚନା ଦେଉଥିଲେ ? ଆପଣ ଯାହା ଜାଣିଲେ ତା'ର ଏକ ତାଲିକା କରନ୍ତୁ।

ନିମ୍ନରେ କେତେକ କାମ ଦିଆଯାଇଛି...

- 'ଆମେ ଓଡ଼ିଆରେ XXX କହିଲେ, ତୁମ ଘର ଭାଷାରେ ଆମେ କହୁ'।
- XXX କୁ ତୁମ ଭାଷାରେ କ'ଣ କୁହ ?
- ଏହି ପ୍ରସଙ୍ଗ ପାଇଁ ତୁମେ ଘର ଭାଷାରେ କେଉଁ କେଉଁ ଶବ୍ଦ ଜାଣିଛ ?
- ଯୋଡିରେ କାମ କର, ଜଣେ ଓଡ଼ିଆରେ ଶବ୍ଦଟିଏ କୁହ, ଅନ୍ୟ ଜଣେ ସେଇଟିକୁ ନିଜ ମାତୃଭାଷାରେ କୁହ ପୁଣି ପରିବର୍ତ୍ତନ କର।
- ମୁଁ ଓଡ଼ିଆରେ କିଛି ପ୍ରଶ୍ନ ପଚାରିବି, ତୁମେ ତା'ର ଉତ୍ତର ନିଜ ଭାଷାରେ ଦିଅ।
- ପ୍ରଥମେ ନିଜ ମାତୃଭାଷାରେ ଆରମ୍ଭ କର, ତା' ପରେ ଓଡ଼ିଆରେ କୁହ।
- ଦଳରେ ନିଜ ମାତୃଭାଷାରେ ଆଲୋଚନା କର ଏବଂ ଓଡ଼ିଆରେ ବିବରଣୀ ଲେଖି ଶ୍ରେଣୀରେ ଉପସ୍ଥାପନ କର।
- ଏବେ ତୁମ ମାତୃଭାଷାରେ କିଛି ପ୍ରଶ୍ନ ପଚାରିବାର ସମୟ।
- କିଛି ନୂଆ ଶବ୍ଦର ତାଲିକା କର। ଓଡ଼ିଆ ଶବ୍ଦଟିକୁ ବାମ ପଟେ ଲେଖ ଓ ତୁମ ଭାଷାରେ ତା'ର ଅର୍ଥ ଡ଼ାହାଣ ପାଖରେ ଲେଖ। (ସିମ୍ପସନ ୨୦୧୪)

## ଶିକ୍ଷଣକାର୍ଯ୍ୟ ୫ : ଶ୍ରେଣୀରେ ଭାଷା ଭାଷା ଭିତରେ ଅନୁବାଦୀକରଣକୁ ସନ୍ନିବେଶିତ କରିବା

ଏଥର ଆପଣ ଆପଣଙ୍କ ଭାଷା ଶ୍ରେଣୀରେ ଭାଷା ଭାଷା ଭିତରେ ଅନୁବାଦୀକରଣ ଉପାୟଟିକୁ କିପରି ଉପଯୋଗ କରିବେ, ଯୋଜନା କରନ୍ତୁ। କାର୍ଯ୍ୟ କଲାବେଳେ ଦଳ କିପରି କରିବେ, କେତେବେଳେ କ'ଣ ସୂଚନା ଦେବେ, ଯାହା ଶିକ୍ଷାର୍ଥୀମାନଙ୍କ ପାଇଁ ଆଗ୍ରହାତ୍ମକ ଓ ଉପଯୋଗୀ ହେବ, ତାହା ସ୍ଥିର କରନ୍ତୁ। ଏହି ଅନୁସାରେ ଏକ ଲିଖିତ ଯୋଜନା କରନ୍ତୁ ଓ ସାଥି ଶିକ୍ଷକମାନଙ୍କ ସହ ଆଲୋଚନା କରନ୍ତୁ।

ନିଜକୁ ଠିକ୍ ଭାବରେ ପ୍ରସ୍ତୁତ କରି ସାରିଲା ପରେ ଶ୍ରେଣୀ ଗୃହରେ କାର୍ଯ୍ୟ ଆରମ୍ଭ କରନ୍ତୁ। ଭାଷା ଭାଷା ଭିତରେ ଅନୁବାଦୀକରଣ ଉପାୟଟିର ସୁବିଧା ସୁଯୋଗ ବିଷୟରେ ଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରନ୍ତୁ ଏବଂ ଏଥିପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରନ୍ତୁ। କାର୍ଯ୍ୟର ପ୍ରତ୍ୟେକ ସୋପାନରେ ସହଜରେ ବୁଝି ହେଲା ଭଳି ସୂଚନା ଦିଅନ୍ତୁ। କାର୍ଯ୍ୟ କଲାବେଳେ ଶିକ୍ଷାର୍ଥୀମାନଙ୍କ ନିଜ ଭାଷାର ବ୍ୟବହାର ପାଇଁ ସୁଯୋଗ ଦେବା ସହିତ ସହାୟତା ଦିଅନ୍ତୁ।

ଏଥିପାଇଁ 'ମୁଖ୍ୟ ସମ୍ବଳ'ରେ ଦିଆଯାଇଥିବା 'ପାଠ ଯୋଜନା ପ୍ରସ୍ତୁତି' ଲେଖାଟିକୁ ପଢ଼ନ୍ତୁ।



ଭିଡ଼ିଓ : 'ପାଠ ଯୋଜନା ପ୍ରସ୍ତୁତି'



### ଟିକିଏ ଚିନ୍ତା କରନ୍ତୁ

- ଶ୍ରେଣୀରେ ଭାଷା ଭାଷା ଭିତରେ ଅନୁବାଦୀକରଣ (Translanguaging) କୌଶଳଟି ବ୍ୟବହାର କଲାବେଳେ ଆପଣଙ୍କ ଶିକ୍ଷାର୍ଥୀମାନଙ୍କର ପ୍ରଥମ ଅନୁଭୂତି ବିଷୟରେ ଆଲୋଚନା କରନ୍ତୁ।
- ଏହି ଅନୁଭୂତିଟି ଆପଣଙ୍କୁ କିପରି ଲାଗିଲା ?

ଥରେ ଏହି ଉପାୟଟିକୁ ଯଦି ଶ୍ରେଣୀ ଗୃହରେ ଲଗାଇବା ଆରମ୍ଭ କରିଛନ୍ତି, ତେବେ ତାହାକୁ ଧାରାବାହିକ ଭାବେ କରିଚାଲନ୍ତୁ। ଏହା ଦ୍ୱାରା ଆପଣଙ୍କ ଶିକ୍ଷାର୍ଥୀମାନେ ନିଜର ଘର ଭାଷା ବ୍ୟବହାର କରି ଶିଖିବାର ଆତ୍ମବିଶ୍ୱାସ ଫେରି ପାଇବେ ଓ ଆଗ୍ରହର ସହିତ ପଢ଼ିବେ।

## ସାରାଂଶ

ଏହି ଏକକରେ ଶିକ୍ଷାଦାନ-ଶିକ୍ଷଣ କ୍ଷେତ୍ରରେ କିପରି ଶିକ୍ଷାର୍ଥୀମାନଙ୍କ ବହୁଭାଷୀ ଜ୍ଞାନକୁ ଶ୍ରେଣୀରେ ଉପଯୁକ୍ତ ଭାବେ ବ୍ୟବହାର କରାଯାଇ ପାରିବ, ସେ ବିଷୟରେ ଆଲୋଚନା କରାଯାଇଛି। ଏହା ଦ୍ୱାରା ପ୍ରତ୍ୟେକ ଶିକ୍ଷାର୍ଥୀର ଅଂଶଗ୍ରହଣକୁ ନିଶ୍ଚିତ କରାଯାଇ ପାରିବ। ଏହା ଆପଣଙ୍କୁ ଶିକ୍ଷାର୍ଥୀଙ୍କ ବହୁଭାଷୀ ଜ୍ଞାନ ବିଷୟରେ ସର୍ବେକ୍ଷଣ କରିବା, ଶ୍ରେଣୀରେ ବହୁଭାଷୀ ଶିକ୍ଷଣ ପରିବେଶ ସୃଷ୍ଟି କରିବା ଏବଂ ଭାଷା ଭାଷା ଭିତରେ ଅନୁବାଦୀକରଣ ଉପାୟଟିକୁ ଶ୍ରେଣୀରେ ବ୍ୟବହାର କରିବା ପାଇଁ ଆପଣଙ୍କୁ ନିଶ୍ଚିତ ଉତ୍ସାହିତ କରିଥିବ। ଯଦି ଆପଣ ଏହି ପ୍ରକାର କାର୍ଯ୍ୟ ଧାରାବାହିକ ଭାବେ ଶ୍ରେଣୀରେ କରି ଚାଲିବେ, ତାହାହେଲେ ଆପଣଙ୍କର ଶିକ୍ଷାର୍ଥୀମାନଙ୍କର ସାମାଜିକ, ଶୈକ୍ଷିକ ଓ ଭାବ ବିନିମୟ ଦକ୍ଷତାର ଯଥେଷ୍ଟ ଉନ୍ନତି ଘଟିବ।

# ସମ୍ବଳ ସମୂହ

## ସମ୍ବଳ ୧ : 'ସଭିଙ୍କ ସମ୍ପୃକ୍ତି'

### ସଭିଙ୍କ ସମ୍ପୃକ୍ତିର ଅର୍ଥ କ'ଣ ?

ଆମ ଶ୍ରେଣୀ ଗୃହରେ ଭିନ୍ନ ଭିନ୍ନ ସଂସ୍କୃତି ଓ ଭିନ୍ନ ଭିନ୍ନ ସମାଜର ଶିକ୍ଷାର୍ଥୀ ଅଛନ୍ତି। ଶିକ୍ଷାର୍ଥୀମାନଙ୍କର ଭାଷା, ଆଗ୍ରହ ଓ ଦକ୍ଷତା ଅଲଗା। ଶିକ୍ଷାର୍ଥୀମାନେ ଭିନ୍ନ ଭିନ୍ନ ସାମାଜିକ ଓ ଆର୍ଥିକ ପରିସ୍ଥିତିରୁ ଆସିଥା'ନ୍ତି। ଏହିପ୍ରକାର ବ୍ୟକ୍ତିଗତ ପ୍ରଭେଦକୁ ଆମେ ଅଣଦେଖା କରିବା ନାହିଁ ବରଂ ଶିକ୍ଷଣ କ୍ଷେତ୍ରରେ ଏହାକୁ ଉପଯୋଗ କରିବା। ଆମ ଭିତରେ ରହିଥିବା ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ କରିବାକୁ ପଡ଼ିବ। ପ୍ରତ୍ୟେକ ଶିକ୍ଷାର୍ଥୀର ଶିଖିବାର ଅଧିକାର ଅଛି। ସବୁ ପ୍ରଭେଦ ଭିତରେ ବି ସେମାନଙ୍କୁ ଶିଖିବାର ସୁଯୋଗ ଦେବାକୁ ପଡ଼ିବ। ଏହା ଭାରତର ଆଇନ୍ ଓ ଆନ୍ତର୍ଜାତୀୟ ଶିଶୁ ଅଧିକାର ଆଇନ୍‌ରେ କୁହାଯାଇଛି। ୨୦୧୪ରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ମୋଦୀ ତାଙ୍କର ପ୍ରଥମ ଭାଷଣରେ ପ୍ରତ୍ୟେକ ଶିକ୍ଷାର୍ଥୀକୁ ଏକ ସୁସ୍ଥ ନାଗରିକ ଗଢ଼ିବା ଦିଗରେ ବିଦ୍ୟାଳୟର ତଥା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କର ଭୂମିକା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

ଜଣେ ଶିକ୍ଷକ ହିସାବରେ ଆପଣ ଶିକ୍ଷାର୍ଥୀର ଶିକ୍ଷାକୁ ଉତ୍ତମ ରାସ୍ତାରେ ବା ନିକୃଷ୍ଟ ଦିଗରେ ନେଇ ଯାଇ ପାରିବେ। କାରଣ ବେଳେବେଳେ ଆମ ମନରେ ଗୋଟିଏ ଭୁଲ୍ ଭାବନା ଆସେ ଯେ ଅନ୍ୟମାନେ ଆପଣଙ୍କୁ ସମ୍ମାନ ଜଣାନ୍ତି ନାହିଁ। ଏହିପରି ଭାବନା ଆପଣଙ୍କ ଜାଣତରେ ବା ଅଜାଣତରେ ହେଉ, ଆପଣଙ୍କ କାର୍ଯ୍ୟ ଶୈଳୀକୁ ପ୍ରଭାବିତ କରିଥାଏ। ଏଥିପାଇଁ ଶିକ୍ଷାର୍ଥୀମାନଙ୍କ ସହ ବ୍ୟବହାର କଲାବେଳେ ଆପଣଙ୍କୁ ସତର୍କ ରହିବାକୁ ପଡ଼ିବ।

### ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଶିକ୍ଷଣରେ ନିଯୁକ୍ତ କରିବାର ୩ଟି ନୀତି

- **ଦେଖିବା :** ପ୍ରଭାବଶାଳୀ ଶିକ୍ଷକମାନେ ଠିକ୍‌ଭାବରେ ଶିକ୍ଷାର୍ଥୀଙ୍କୁ ପର୍ଯ୍ୟବେକ୍ଷଣ କରନ୍ତି, ସେମାନଙ୍କୁ ବୁଝିପାରନ୍ତି ଓ ସେମାନଙ୍କ ଆବେଗ ପ୍ରତି ସଚେତନ ଥା'ନ୍ତି। ଏହିପରି ଶିକ୍ଷକମାନେ ସେମାନଙ୍କର ଶିକ୍ଷାର୍ଥୀମାନଙ୍କ ଭିତରେ ଆସୁଥିବା ପରିବର୍ତ୍ତନକୁ ଅନୁଭବ କରିପାରନ୍ତି। ଆପଣ ଯଦି ଶିକ୍ଷାର୍ଥୀମାନଙ୍କୁ ଠିକ୍‌ଭାବରେ ନିରୀକ୍ଷଣ କରିବେ, ସେମାନେ କ'ଣ ସହାୟତା ଚାହାଁନ୍ତି, ଆପଣ ଜାଣିପାରିବେ ଏବଂ ଉଭୟ ସ୍କୁଲ ଓ ଘରେ ସେମାନଙ୍କ ଭିତରେ ଆସୁଥିବା ପରିବର୍ତ୍ତନକୁ ଅନୁଭବ କରିପାରିବେ। ସମସ୍ତଙ୍କୁ ଶିକ୍ଷଣରେ ନିଯୁକ୍ତ କରାଇବା ପାଇଁ ଆପଣଙ୍କୁ ଶିକ୍ଷାର୍ଥୀମାନଙ୍କୁ ନିରୀକ୍ଷଣ କରିବାକୁ ପଡ଼ିବ ଓ ଯେଉଁ ଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରୁନାହାଁନ୍ତି, ସେମାନଙ୍କୁ ବ୍ୟକ୍ତିଗତ ନଜର ଦେବାକୁ ପଡ଼ିବ।
- **ଆତ୍ମସମ୍ମାନ ଉପରେ ଗୁରୁତ୍ୱ :** ଜଣେ ସୁ-ନାଗରିକର ପ୍ରଥମ ଗୁଣ ହେଲା, ସେ ନିଜ ପରି ହେବାକୁ ଚାହେଁ। ସେମାନଙ୍କର ଆତ୍ମବିଶ୍ୱାସ ଯଥେଷ୍ଟ ଥାଏ। ସେମାନେ ନିଜର ସାମର୍ଥ୍ୟ ଓ ଦୁର୍ବଳତା ଜାଣିଥା'ନ୍ତି ଏବଂ ଅନ୍ୟମାନଙ୍କ ସହ ଠିକ୍ ଭାବରେ ସମ୍ପର୍କ ରଖି ପାରନ୍ତି। ନିଜକୁ ସମ୍ମାନ ଜଣାଇବା ସହିତ ଅନ୍ୟମାନଙ୍କୁ ମଧ୍ୟ ସମ୍ମାନ ଦେଇଥା'ନ୍ତି। ଶିକ୍ଷକ ଭାବରେ ଆପଣ ଶିକ୍ଷାର୍ଥୀମାନଙ୍କର ଆତ୍ମସମ୍ମାନ ବଢ଼ାଇବା ଉପରେ ପ୍ରଭାବ ପକାଇ ପାରିବେ, ତେଣୁ ପ୍ରଥମରୁ ସେମାନଙ୍କୁ ସେମାନଙ୍କର ସାମର୍ଥ୍ୟ ଅନୁସାରେ କାର୍ଯ୍ୟ ଦେବାକୁ ପଡ଼ିବ। ଏହା ଦ୍ୱାରା ପ୍ରତ୍ୟେକ ଶିକ୍ଷାର୍ଥୀର ଆତ୍ମସମ୍ମାନ ବୃଦ୍ଧି ପାଇବ।
- **ଶ୍ରେଣୀରେ ନମନୀୟତା :** ପୂର୍ବ ପ୍ରସ୍ତୁତ ଯୋଜନା ଅନୁସାରେ କାର୍ଯ୍ୟ କଲାବେଳେ ଯଦି କିଛି ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀ ବା କୌଣସି ଦଳ ବୁଝି ପାରୁନାହାଁନ୍ତି ସଙ୍ଗେ ସଙ୍ଗେ ଏଥିରେ ପରିବର୍ତ୍ତନ ଆଣନ୍ତୁ। ଆପଣଙ୍କ କାର୍ଯ୍ୟ କରିବାର ଶୈଳୀରେ ନମନୀୟତା ଥିଲେ, ଆପଣ ଶିକ୍ଷାର୍ଥୀମାନଙ୍କ ଆବଶ୍ୟକତା ଅନୁସାରେ କାମ କରି ପାରିବେ।

### ଆପଣ ସବୁବେଳେ ନିମ୍ନଲିଖିତ ପନ୍ଥାଗୁଡ଼ିକ ପ୍ରୟୋଗ କରିପାରିବେ...

- **ଶିକ୍ଷାର୍ଥୀଙ୍କୁ ଭଲ ବ୍ୟବହାର ଶିଖାଇବା :** ମାନବୀୟ ବ୍ୟବହାର ବିଷୟରେ ଆପଣ ଶିକ୍ଷାର୍ଥୀମାନଙ୍କ ପାଇଁ ଏକ ଉଦାହରଣ। ଜାତି, ଧର୍ମ, ବର୍ଣ୍ଣ, ଭାଷା... ନିର୍ବିଶେଷରେ ଆପଣ ପ୍ରତ୍ୟେକ ଶିକ୍ଷାର୍ଥୀକୁ ସମାନ ପ୍ରକାର ସମ୍ମାନ ଦିଅନ୍ତୁ। ଶିକ୍ଷାଦାନ-ଶିକ୍ଷଣ

ସମୟରେ ଆପଣ ସମସ୍ତଙ୍କୁ ସମାନ ଗୁରୁତ୍ୱ ଦେଉଛନ୍ତି ବୋଲି ଶିକ୍ଷାର୍ଥୀମାନେ ଅନୁଭବ କରିବେ। ସେମାନଙ୍କ ସହିତ ସମ୍ମାନର ସହ କଥାବାର୍ତ୍ତା କରନ୍ତୁ, ସେମାନଙ୍କର ମତାମତକୁ ସମ୍ମାନ ଦିଅନ୍ତୁ। ଦାୟିତ୍ୱ ଦିଅନ୍ତୁ ଏବଂ ଉତ୍ସାହିତ କରନ୍ତୁ।

- **ଉଚ୍ଚାଭିଳାଷ :** ଶିକ୍ଷାର୍ଥୀମାନଙ୍କର ଦକ୍ଷତା ସୀମିତ ନୁହେଁ। ସାହାଯ୍ୟ ଓ ସହଯୋଗ ମିଳିଲେ ଶିକ୍ଷାର୍ଥୀ ଆଗେଇ ପାରିବେ। ଯଦି ଆପଣଙ୍କ ଶ୍ରେଣୀରେ ଗୋଟିଏ ଶିକ୍ଷାର୍ଥୀ ବୁଝିପାରିଲା ନାହିଁ, ଆପଣ ଭାବନ୍ତୁ ନାହିଁ ଯେ ସେ କେବେ ବି ବୁଝି ପାରିବ ନାହିଁ। ଆପଣଙ୍କର ଦାୟିତ୍ୱ ହେଲା ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ସହାୟତା ଦେବା। ଯଦି ଶିକ୍ଷାର୍ଥୀମାନଙ୍କୁ ପାଖରୁ ଉଚ୍ଚ ଆଶା ରଖିବେ ଓ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ ତଥା ଅନୁପ୍ରାଣିତ କରିବେ, ସେମାନେ ନିଶ୍ଚିତ ଭଲ କରିବେ।
- **ଆପଣଙ୍କ ଶିକ୍ଷାଦାନରେ ବିଭିନ୍ନତା ଆଣନ୍ତୁ :** ଶିକ୍ଷାର୍ଥୀମାନେ ବିଭିନ୍ନ ଉପାୟରେ / ରାସ୍ତାରେ ଶିଖିଥା'ନ୍ତି। କିଛି ଶିକ୍ଷାର୍ଥୀ କହିବା ପାଇଁ ପସନ୍ଦ କରୁଥିବାବେଳେ କିଛି ଶିକ୍ଷାର୍ଥୀ ଲେଖିବାକୁ ପସନ୍ଦ କରନ୍ତି ତ କିଛି ଶିକ୍ଷାର୍ଥୀ ମାନଚିତ୍ର ଆଙ୍କିବାକୁ ପସନ୍ଦ କରନ୍ତି। କିଛି ଶିକ୍ଷାର୍ଥୀ ଶୁଣି ଭଲ ଶିଖନ୍ତି ତ କିଛି ଶିକ୍ଷାର୍ଥୀ କହିବାକୁ ସୁଯୋଗ ପାଇଲେ ଭଲ ଶିଖନ୍ତି। ଆପଣଙ୍କର ଶିକ୍ଷାଦାନ ଶୈଳୀ ସବୁବେଳେ ସବୁ ଶିକ୍ଷାର୍ଥୀଙ୍କ ପାଇଁ ଉପଯୁକ୍ତ ହୋଇ ନ ପାରେ। ତେଣୁ ନିଜ ଶିକ୍ଷାଦାନ-ଶିକ୍ଷଣ ଶୈଳୀରେ ବିଭିନ୍ନତା ଆଣନ୍ତୁ। ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଇଚ୍ଛା ଓ ଦକ୍ଷତା ମୁତାବକ କାମ କରିବାକୁ ଦିଅନ୍ତୁ।
- **ଶିକ୍ଷଣକୁ ଶିକ୍ଷାର୍ଥୀର ଜୀବନାନୁଭୂତି ସହ ଯୋଡ଼ନ୍ତୁ :** ଆମର ଶିକ୍ଷାଦାନ ବେଳେବେଳେ କିଛି ଶିକ୍ଷାର୍ଥୀଙ୍କ ପାଇଁ ଅର୍ଥହୀନ ହୋଇଥାଏ। ତେଣୁ ଯେତେ ଦୂର ସମ୍ଭବ ସେହି ଶିକ୍ଷାର୍ଥୀମାନଙ୍କ ଜୀବନ ସହିତ ଜଡ଼ିତ ଉଦାହରଣ ବା ବର୍ଣ୍ଣନା ସାହାଯ୍ୟରେ ଆପଣ ସେମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା କରନ୍ତୁ।
- **ଭାଷାର ବ୍ୟବହାର :** ଶ୍ରେଣୀରେ ଭାଷା ବ୍ୟବହାର କଲାବେଳେ ସତର୍କ ରୁହନ୍ତୁ। ଶିକ୍ଷାର୍ଥୀମାନଙ୍କ ପ୍ରତି ସକାରାତ୍ମକ ଭାଷା ପ୍ରୟୋଗ କରନ୍ତୁ। ସେମାନଙ୍କ କାର୍ଯ୍ୟ ଉପରେ ଆଲୋଚନା କରିପାରନ୍ତି, କିନ୍ତୁ ସେମାନଙ୍କ ବ୍ୟକ୍ତିତ୍ୱ ଉପରେ ମତାମତ ଦିଅନ୍ତୁ ନାହିଁ। ଯେମିତି- "ତୁମେ ମୋତେ ରଗାଉଛ" ନ କହି ଆମେ କହିପାରିବା – "ଆଜି ତୁମର କାର୍ଯ୍ୟକଳାପ ଅନ୍ୟକୁ ରଗାଇଲା ପରି ଲାଗୁଛି, କିଛି ଅସୁବିଧା ହୋଇଛି କି ?"
- **ନିଜ ଭିତରେ ଥିବା ଭୁଲ୍ ଧାରଣାରେ ପରିବର୍ତ୍ତନ ଆଣନ୍ତୁ :** ଆମ ସମାଜରେ ଗୋଟିଏ ଧାରଣା ଅଛି ଯେ ଝିଅ ପିଲା ଘର ଝଟାଇବେ, ପୁଅ ପିଲା ମାଟି ଖୋଳିବେ, ଝିଅ ପିଲା ଝୋଟି ଦେବେ, ପୁଅ ପିଲା ଷ୍ଟେଜ୍ ବାନ୍ଧିବେ...ଇତ୍ୟାଦି। ଯଦି ଏଭଳି ମାନସିକତା ଆପଣଙ୍କର ଅଛି, ବିଦ୍ୟାଳୟରେ କାର୍ଯ୍ୟ କଲାବେଳେ ସେଥିରେ ପରିବର୍ତ୍ତନ ଆଣନ୍ତୁ। ପ୍ରକୃତରେ ଆମକୁ ବିଶ୍ୱାସ କରିବାକୁ ପଡ଼ିବ ଯେ ସବୁ କାମ ସମସ୍ତେ କରି ପାରିବେ।
- **ବିଦ୍ୟାଳୟରେ ଏକ ଶିଶୁପ୍ରିୟ ପରିବେଶ ସୃଷ୍ଟି କରନ୍ତୁ:** ପ୍ରତ୍ୟେକ ଶିକ୍ଷାର୍ଥୀ ନିରାପଦରେ ତଥା ପ୍ରେମ ଓ ଆନନ୍ଦମୟ ପରିବେଶରେ ରହିବାକୁ ପସନ୍ଦ କରନ୍ତି। ଆପଣଙ୍କର ଦାୟିତ୍ୱ ହେଉଛି ବିଦ୍ୟାଳୟରେ ଏହିପରି ଏକ ପରିବେଶ ସୃଷ୍ଟି କରିବା। ତେଣୁ ଆପଣଙ୍କ ବିଦ୍ୟାଳୟ, ଶ୍ରେଣୀଗୃହ, ଲାଇବ୍ରେରୀ, ଖେଳ ପଡ଼ିଆ... ଇତ୍ୟାଦି କିପରି ଶିକ୍ଷାର୍ଥୀଙ୍କ ପାଇ ଆନନ୍ଦଦାୟୀ ହୋଇପାରିବ, ସେଥିପାଇଁ ସବୁବେଳେ ଚିନ୍ତା କରନ୍ତୁ। ଏଥିପାଇଁ ଭିନ୍ନକ୍ଷମ ଶିକ୍ଷାର୍ଥୀମାନେ କେଉଁଠି ଓ କିପରି ବସିବେ, ସେ ବିଷୟରେ ପୂର୍ବରୁ ଯୋଜନା କରନ୍ତୁ। ଏପରିକି ଆପଣଙ୍କର ଲାଜକୁଳା ଶିକ୍ଷାର୍ଥୀଟିକୁ କିପରି ନଜରରେ ରଖିପାରିବେ, ସେ ବିଷୟରେ ମଧ୍ୟ ଚିନ୍ତା କରନ୍ତୁ।

## କେତେକ ନିର୍ଦ୍ଦିଷ୍ଟ ଶିକ୍ଷାଦାନ-ଶିକ୍ଷଣ ପନ୍ଥା

ପ୍ରତ୍ୟେକ ଶିକ୍ଷାର୍ଥୀକୁ ଶିକ୍ଷାଦାନ-ଶିକ୍ଷଣରେ ନିୟୋଜିତ କରିବା ପାଇଁ ଆମ ପାଖରେ ବହୁତଗୁଡ଼ିଏ ଶୈକ୍ଷିକ ପନ୍ଥା ରହିଛି। ନିମ୍ନରେ କେତେକ ପନ୍ଥାର ବର୍ଣ୍ଣନା କରାଯାଇଛି ...

- **ପ୍ରଶ୍ନ ପଚାରିବା :** ଯଦି ଆପଣ ଶିକ୍ଷାର୍ଥୀମାନଙ୍କୁ ଉତ୍ତର ଦେବା ପାଇଁ ହାତ ଉଠାଇବା ପାଇଁ କହିବେ, ସେହି ନିର୍ଦ୍ଦିଷ୍ଟ କେତୋଟି ଶିକ୍ଷାର୍ଥୀ ସବୁବେଳେ ଉତ୍ତର ଦେବେ। ସବୁ ଶିକ୍ଷାର୍ଥୀଙ୍କ ପାଖରୁ ପ୍ରଶ୍ନର ଉତ୍ତର ଆଦାୟ କରିବା ପାଇଁ ଅନ୍ୟ ଉପାୟ ରହିଛି, ଯେପରି- ୧) ସବୁବେଳେ ସାମ୍ନାରେ ଛିଡ଼ା ହୋଇ ପ୍ରଶ୍ନ ନ ପଚାରି ଶ୍ରେଣୀର ପଛରେ ବା ପାର୍ଶ୍ୱରେ ଛିଡ଼ା ହୋଇ ପ୍ରଶ୍ନ ପଚାରନ୍ତୁ, ୨) ପ୍ରଶ୍ନ ପଚାରି ସାରିବା ପରେ ଚିନ୍ତା କରିବାକୁ ସମୟ ଦିଅନ୍ତୁ, ୩) ଶିକ୍ଷାର୍ଥୀମାନଙ୍କ ଦକ୍ଷତା ଅନୁସାରେ ପ୍ରଶ୍ନ

ପଚାରନ୍ତୁ, ୪) ଶିକ୍ଷାର୍ଥୀଙ୍କ ବିଶ୍ୱାସ ବଢ଼ାଇବା ପାଇଁ ଯୋଡି / ଛୋଟ ଦଳ କରି ପ୍ରଶ୍ନ ପଚାରନ୍ତୁ, ୫) ଆବଶ୍ୟକ ବେଳେ ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀଙ୍କୁ ପ୍ରଶ୍ନ ପଚାରନ୍ତୁ ଓ ୬) ସଙ୍ଗେ ସଙ୍ଗେ ଉତ୍ତର କହି ଦିଅନ୍ତୁ ନାହିଁ... ଇତ୍ୟାଦି।

- **ଆକଳନ/ମୂଲ୍ୟାୟନ :** ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ଶିକ୍ଷଣ ପ୍ରଗତିକୁ ବୁଝିବା ପାଇଁ ଗଠନମୂଳକ ମୂଲ୍ୟାୟନ କରନ୍ତୁ ଓ ଏଥିପାଇଁ ଆବଶ୍ୟକ କୌଶଳ ସ୍ଥିର କରନ୍ତୁ। ଶିକ୍ଷାର୍ଥୀମାନଙ୍କର ସୁପ୍ତ ଦକ୍ଷତାକୁ ଚିହ୍ନିବାକୁ ହେଲେ ଆପଣଙ୍କୁ ଟିକିଏ ସୃଜନଶୀଳ ହେବାକୁ ପଡ଼ିବ। ଗଠନମୂଳକ ମୂଲ୍ୟାୟନ ଏଥିପାଇଁ ଠିକ୍ ତଥ୍ୟ ଦେଇପାରିବ। ଏହିପରି କରିପାରିଲେ ଆପଣ ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣ ଆବଶ୍ୟକତାକୁ ବୁଝି ଶିକ୍ଷାଦାନ-ଶିକ୍ଷଣ କରିପାରିବେ।
- **ଯୋଡ଼ି ଓ ଛୋଟ ଦଳରେ କାର୍ଯ୍ୟ :** ଦଳଗତ କାର୍ଯ୍ୟ ମାଧ୍ୟମରେ ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣକୁ ପ୍ରଭାବିତ କରିହେବ। କାରଣ ଶିକ୍ଷାର୍ଥୀମାନେ ସାଙ୍ଗସାଥୀଙ୍କ ପାଖରୁ ବେଶୀ କଥା ଶିଖିଥା'ନ୍ତି। କିଛି ଶିକ୍ଷାର୍ଥୀ ଛୋଟ ଦଳରେ ବା ଯୋଡ଼ିରେ ବସିଲେ ବିଶ୍ୱାସର ସହ ଉତ୍ତର ଦିଅନ୍ତି ଓ ଆଲୋଚନାରେ ଭାଗ ନିଅନ୍ତି। ସେମାନେ ସଂପୂର୍ଣ୍ଣ ଶ୍ରେଣୀ ସାମ୍ନାରେ ଉତ୍ତର ଦେବାକୁ ଭୟ ଓ ଲାଜ କରନ୍ତି। ତେଣୁ ପ୍ରତ୍ୟେକ ଶିକ୍ଷାର୍ଥୀ କିପରି ଶିକ୍ଷଣ କାର୍ଯ୍ୟରେ ସ୍ୱତଃସ୍ଫୂର୍ତ୍ତ ଅଂଶଗ୍ରହଣ କରିପାରିବେ, ଦଳ କଲାବେଳେ ଆପଣଙ୍କୁ ଚିନ୍ତା କରିବାକୁ ପଡ଼ିବ। କେଉଁ ଶିକ୍ଷାର୍ଥୀକୁ କେଉଁ ଦଳରେ ରଖିଲେ ସେ ନିର୍ଭୟରେ ଶିଖିପାରିବ, ସେ ବିଷୟରେ ଚିନ୍ତା କରିବାକୁ ପଡ଼ିବ।
- **ଶିକ୍ଷଣ କାର୍ଯ୍ୟରେ ବିଭିନ୍ନତା :** ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣ ସମସ୍ୟାକୁ ବୁଝିବା ଟିକିଏ କଷ୍ଟ। ବିଭିନ୍ନ ଦଳକୁ ବିଭିନ୍ନ କାର୍ଯ୍ୟ ଦେଲେ ସେମାନେ ତାଙ୍କ ଦକ୍ଷତା ଅନୁସାରେ କାର୍ଯ୍ୟ କରିପାରିବେ ଓ ଶିଖିବେ। ତେଣୁ ଶିକ୍ଷାଦାନ ଓ ଶିକ୍ଷଣ ସମୟରେ ବିଭିନ୍ନ ପ୍ରକାର କାର୍ଯ୍ୟ ତଥା ବିଭିନ୍ନ ଦକ୍ଷତା ସ୍ତରର କାର୍ଯ୍ୟ ଦେଲେ, ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣକୁ ନିଶ୍ଚିତ କରି ହେବ। ବେଳେବେଳେ ଶିକ୍ଷାର୍ଥୀମାନଙ୍କୁ ନିଜ ଇଚ୍ଛା ମୁତାବକ ଶିକ୍ଷଣ କାର୍ଯ୍ୟ ବାଛି କାର୍ଯ୍ୟ କରିବାକୁ ସୁଯୋଗ ଦେଲେ ସେମାନଙ୍କର ଦାୟିତ୍ୱ ଓ ଶିଖିବାର ଆଗ୍ରହ ବଢ଼ିଥାଏ।

## Additional resources

- Multilingual education research: http://blog.britishcouncil.org.in/towards-a-multilingual-educationresearch- partnership-for-india/
- Guide to language readiness in multilingual contexts (Jharkhand):https://www.academia.edu/7602970/Bhasha_Puliya_-_Guidebook_for_a_Childrens_Language_Readiness_Programme_in_multilingual_Jharkhand_India
- Bilingual dictionaries in Jharkhand: https://www.academia.edu/4503737/Childrens_Bilingual_Picture_Dictionaries_-_Meri_Bhasha_mein_Meri_Duniyahttps://www.academia.edu/4668458/Childrens_BILINGUAL_Picture_Dictionary_in_Santhali_lang uage
- Useful websites for multilingual education in India and Asia, and globally:
  http://www.nmrc-jnu.org/nmrc_about_us.html
  http://www.mle-india.net/
  http://www.unescobkk.org/index.php?id=222
  http://www.mlenetwork.org/

## References/bibliography

Agnihotri, R.K. (2006) ‘Identity and multilinguality: the case of India’ in Tsui, A. and Tollefson, J.W. (eds) *Language Policy, Culture and Identity in Asian Contexts*. Mahwah, NJ: Lawrence Erlbaum Associates.

Agnihotri, R.K. (2007) ‘Towards a pedagogical paradigm rooted in multilinguality’, *International Multilingual Research Journal*, no. 1, pp. 1–10.

Agnihotri, R.K. (2009) 'Multilinguality and a new world order' in Mohanty, A.K., Panda, M., Phillipson, R. and Skutnabb-Kangas, T. (eds) *Multilingual Education for Social Justice: Globalizing the Local*. New Delhi: Orient BlackSwan.

Agnihotri, R.K. (2014) 'Multilinguality, education and harmony', *International Journal of Multilingualism*, vol. 11, no. 3, pp. 364–79.

Celic, C. and Seltzer, K. (2011) *Translanguaging: A CUNY-NYSIEB Guide for Educators*. New York, NY: The Graduate Center.

Canagarajah, A.S. (ed.) (2013) *Literacy as Translingual Practice: Between Communities and Classrooms*. New York, NY: Routledge.

García, O. (2011) *Bilingual Education in the 21st Century: A Global Perspective*. Chichester: John Wiley & Sons.

García, O., Skutnabb-Kangas, T. and Torres-Guzmán, M.E. (eds.) (2006) *Imagining Multilingual Schools: Languages in Education and Glocalization*. Clevedon: Multilingual Matters.

National Council of Educational Research and Training (undated) 'National focus group on problems of scheduled caste and scheduled tribe children' (online) NCF 2005 position paper. Available from:http://www.ncert.nic.in/html/pdf/schoolcurriculum/position_papers/position_paper_on_sc&st.pdf (accessed 18 November 2014).

National Council of Educational Research and Training (2006) 'National focus group on teaching of Indian languages' (online) NCF 2005 position paper. Available from: http://www.ncert.nic.in/html/pdf/schoolcurriculum/Position_Papers/Indian_Languages.pdf (accessed 18 November 2014).

Neaum, S. (2012) *Language and Literacy for the Early Years*. London: Sage.

Simpson, J. (2014) 'Empowering teachers by helping legitimise translanguaging practices in Rwandan classrooms', British Association of International and Comparative Education 2014 Conference, 8–10 September, University of Bath.

Skutnabb-Kangas, T. (2013) 'Mother-tongue-medium education' in Chapelle, C.A. (ed.) *The Encyclopedia of Applied Linguistics.* Oxford: Blackwell.

## Acknowledgements

Except for third party materials and otherwise stated below, this content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/). The material acknowledged below is Proprietary and used under licence for this project, and not subject to the Creative Commons Licence. This means that this material may only be used unadapted within the TESSIndia project and not in any subsequent OER versions. This includes the use of the TESS-India, OU and UKAID logos.

Grateful acknowledgement is made to the following sources for permission to reproduce the material in this unit:

Figure 1: adapted from Bilingual Picture Dictionary, M-TALL akhra, JTWRI, Department of Welfare, Govt. of Jharkhand.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.